# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 May - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ୪ଟି ପର୍ଯ୍ୟାୟ ନିର୍ବାଚନରେ ୪୫୧ ନିୟୁତ ଭୋଟର କରିଛନ୍ତି ମତଦାନ

– ମତଦାନ ହାର ୬୬ ଦଶମିକ ୯/୫ ପ୍ରତିଶତ

- ବିଜେପି, କଂଗ୍ରେସ ଏବଂ ବିଜେଡିର ଷ୍ଟାର୍ ପ୍ରଚାରକମାନେ ନିର୍ବାଚନୀ ପ୍ରଚାରରେ ସାମିଲ

- ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ହିଂସା ଘଟଣାରେ ୮ ଜଣ ଆରୋପୀଙ୍କୁ କୋର୍ଟ ଚାଲାଣ

ଏବଂ

- ଲକ୍ଷଣ ଓ ଚିକିତ୍ସାକୁ ସୁନିଶ୍ଚିତ କରାଇବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଡେଙ୍ଗୁ ଦିବସ

***PIB***

# ମତଦାନ ସଚେତନତା

ଚଳିତ ନିର୍ବାଚନରେ ଭୋଟରମାନଙ୍କୁ ମତଦାନ ପାଇଁ ଆକୃଷ୍ଟ କରିବା ତଥା ଉତ୍ସାହିତ କରିବାକୁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଦେଶରେ ଶେଷ ହୋଇଥିବା ୪ଟି ପର୍ଯ୍ୟାୟ ନିର୍ବାଚନରେ ଏ ପର୍ଯ୍ୟନ୍ତ ପ୍ରାୟ ୪୫୧ ନିୟୁତ ଲୋକ ମତଦାନ କରିଛନ୍ତି । ମତଦାନ ହାର ୬୬ ଦଶମିକ ୯/୫ ପ୍ରତିଶତ ରହିଛି । ଆଗାମୀ ପର୍ଯ୍ୟାୟ ନିର୍ବାଚନ ଗୁଡ଼ିକରେ ମତଦାତାଙ୍କୁ ଅଧିକ ସଂଖ୍ୟାରେ ଭୋଟ୍ ଦେବାକୁ ଆୟୋଗଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି ।  ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ସମସ୍ତ ମତଦାତାଙ୍କ ନିକଟରେ ସଠିକ୍ ସମୟରେ ଭୋଟର ସୂଚନା ସ୍ଲିପ୍ ପହଁଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗଙ୍କ ଅନୁରୋଧକ୍ରମେ ବିଭିନ୍ନ ଅନୁଷ୍ଠାନ, ସେଲିବ୍ରେଟିମାନେ ମତଦାନ ହାର ବୃଦ୍ଧି କରିବା ସକାଶେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସଚେତନ କରାଯାଉଛି ବୋଲି ନିର୍ବାଚନ ଆୟୁକ୍ତ ରାଜୀବ କୁମାର କହିଛନ୍ତି ।

***Baragada***

# ନିର୍ବାଚନ ପ୍ରଚାର

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ବରଗଡ଼ର ପଦ୍ମପୁର ଏବଂ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କର ସପକ୍ଷରେ ନିର୍ବାଚନୀ ପ୍ରଚାର କରିଛନ୍ତି । ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶକୁ ବିଶ୍ୱର ଏକ ଶକ୍ତିଶାଳୀ କରିବା ପାଇଁ ଭୋଟରମାନଙ୍କୁ

ନିବେଦନ କରିଛନ୍ତି। ଆଜି ସକାଳେ ଭୁବନେଶ୍ୱରରେ ଏକ ରୋଡ୍ ସୋ'ରେ ଶ୍ରୀ ନଡ୍ଡା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ଅନ୍ୟପକ୍ଷରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ତ୍ତମାନ ଭୁବନେଶ୍ୱର ଠାରେ ଏକ ରୋଡ୍ ସୋ' ମାଧ୍ୟମରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ଆମର ସମ୍ବାଦ ହସ୍ତଗତ ହୋଇଛି।

କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଆଜି ଅପରାହ୍ନରେ କନ୍ଧମାଳ ଜିଲ୍ଲାର ଫୁଲବାଣୀଠାରେ ଦଳ ପକ୍ଷରୁ ଆୟୋଜନ କରାଯାଇଥିବା ନିର୍ବାଚନୀ ପ୍ରଚାରରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ତାଙ୍କ ସରକାର କ୍ଷମତାକୁ ଆସିଲେ ହଳଦୀର ଏମ୍.ଏସ୍.ପି. ଧାର୍ଯ୍ୟ କରିବା ସହିତ କୃଷିଋଣ ଏବଂ କୃଷି ଯନ୍ତ୍ରପାତି ଉପରେ ଜି.ଏସ୍.ଟି. ଛାଡ଼ କରିବା ପାଇଁ ପଦକ୍ଷେପ ନେବ। ଆଉ କିଛି ସମୟପରେ ଶ୍ରୀ ଖଡ଼ଗେ ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିବାକୁ କାର୍ଯ୍ୟକ୍ରମ ରହିଛି।

***Nayagarh***

## ନିର୍ବାଚନ-ନୟାଗଡ଼

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ୨୫ ତାରିଖରେ ନୟାଗଡ଼ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ସହ ୩ଟି ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ଭୋଟ୍‌ଗ୍ରହଣ କରାଯିବ।

ଜିଲ୍ଲାରେ ନିର୍ବାଚନ ସ୍ଥିତି ନେଇ ନୟାଗଡ଼ରୁ ଆମ ସମ୍ବାଦଦାତା **ବିଶ୍ୱନାଥ ପ୍ରତାପ ପଟ୍ଟନାୟକ**ଙ୍କ ରିପୋର୍ଟ....

# - V/O –

***Ganjam***

## ହିଂସାକାଣ୍ଡକୁ ମୁଖ୍ୟ ନିର୍ବାଚନଙ୍କ ଉଦ୍‌ବେଗ

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ହିଂସା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ଖଲ୍ଲିକୋଟ ଅଞ୍ଚଳରେ ଉତ୍ତେଜନାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଥାନାର ୧୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଛି । ସୂଚନାଯୋଗ୍ୟ, ଖଲ୍ଲିକୋଟ ଅଞ୍ଚଳରେ ଗତକାଲି ରାତିରେ ଘଟିଥିବା ହିଂସାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ତିନିଜଣ ଗୁରୁତର ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

ନିର୍ବାଚନ ପୂର୍ବରୁ ସୃଷ୍ଟି ହୋଇଥିବା ହିଂସା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ କୌଣସି ପ୍ରକାର ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି । ଖଲ୍ଲିକୋଟ ଅଞ୍ଚଳରେ ଦେଖାଦେଇଥିବା ହିଂସାକୁ ଆୟତ୍ତ କରି ଶୀଘ୍ର ଶାନ୍ତି ପ୍ରତିଷ୍ଠା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ' ଗଞ୍ଜାମ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Boudh*

## ଜିଲ୍ଲାପାଳଙ୍କ ପରିଦର୍ଶନ

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ବିଜ୍ଞାପିତ ପରିଷଦ ଅଞ୍ଚଳରେ ଥିବା ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକୁ ଜିଲ୍ଲାପାଳ କେ.ସୋନାଲ ଆଜି ପରିଦର୍ଶନ କରିଛନ୍ତି। ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ ପାଇଁ କରାଯାଇଥିବା ପ୍ରସ୍ତୁତିର ତଦାରଖ କରିବା ସହ ଭୋଟରଙ୍କ ପାଇଁ ରହିଥିବା ସର୍ବନିମ୍ନ ସୁବିଧାର ସମୀକ୍ଷା କରିଥିଲେ।

*Sonepur*

## ବିଜୟ ସଂକଳ୍ପ ସମାବେଶ

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ମଣ୍ଡଳୀର ଉଲୁଣ୍ଡାଠାରେ ଆଜି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର କରିଛନ୍ତି। ବିକଶିତ ଭାରତ ସହ ବିକଶିତ ଓଡ଼ିଶା ପାଇଁ ଉଭୟ ଲୋକସଭା ଏବଂ ବିଧାନସଭା ଆସନରେ ଭୋଟ ଦେବାକୁ ଭୋଟରମାନଙ୍କୁ ଅନୁରୋଧ କରିଛନ୍ତି।

*Boudh*

## ସଂକଳ୍ପପତ୍ର ଉନ୍ମୋଚନ

ବୌଦ୍ଧ ଜିଲ୍ଲାରେ ବିଜେପି ପକ୍ଷରୁ ଜିଲ୍ଲା ବିକାଶର ସଂକଳ୍ପପତ୍ର ଉନ୍ମୋଚନ କରାଯାଇଛି। ଜିଲ୍ଲା ବିଜେପି  କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ବିପ୍ର ଚରଣ ମହାନ୍ତି କେନ୍ଦ୍ର

ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

***Sudergarh***

## ଭୋଟ୍‌ଗ୍ରହଣ

ସୁନ୍ଦରଗଡ଼ ଲୋକସଭା ଏବଂ ଏହା ଅଧୀନରେ ଥିବା ବିଧାନସଭା ଆସନ ପାଇଁ ଆସନ୍ତା ୨୦ ତାରିଖରେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ରାଉରକେଲା ଏବଂ ରଘୁନାଥପାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ବୃଦ୍ଧି ପାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହିଳା, ଭିନ୍ନକ୍ଷମ ଓ ନୂତନ ଭୋଟରମାନଙ୍କୁ ବିଭିନ୍ନ ସଚେତନ କରିବା ପାଇଁ ମାରାଥନ, ପଥପ୍ରାନ୍ତ ନାଟକ, କୁଇଜ୍ ପ୍ରତିଯୋଗିତା ଆଜି ଆୟୋଜିତ ହେଉଛି।

***HS***

## ସତର୍କ ସୂଚନା

ଯୁକ୍ତ ୯୨ରୁ ଆରମ୍ଭ ହୋଇଥିବା ବିଦେଶୀ ନମ୍ବରରୁ ହ୍ୱାଟସ୍ ଆପ୍‌ରେ କଲ ଆସିଲେ  ଗ୍ରହଣ ନ କରିବାକୁ ଓଡିଶା ପୋଲିସ୍ ସାମାଜିକ ଗଣମାଧ୍ୟମ ଜରିଆରେ ମୋବାଇଲ୍ ବ୍ୟବହାରକାରୀଙ୍କୁ ସତର୍କ କରାଇଛି। ପୋଲିସ୍ ପକ୍ଷରୁ କୁହାଯାଇଛି, ପୋଲିସ୍ ଅଧିକାରୀଙ୍କ ଫଟୋ ଲଗାଇ ସେମାନଙ୍କ ପରିଚୟ ଦେଇ କିଛି ଠକ ବିଭିନ୍ନ କୌଶଳରେ ଟଙ୍କା ଲୁଟୁଥିବାର ଅଭିଯୋଗ ଆସିଛି। ଏ ନେଇ ଖବର ଆସିବା ପରେ ରାଜ୍ୟ

ପୋଲିସ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ।

## ଶ୍ରମିକ ମୃତ୍ୟୁ

ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ରାହାସଗୁହାଳି ଗ୍ରାମରେ ପାନୀୟ ଜଳ ପ୍ରକଳ୍ପରେ ପାଇପ ବିଛାଉ ଥିବା ତିନି ଶ୍ରମିକଙ୍କ ମୃତ୍ୟୁ ଘଟିଛି । ପାଇପ ତଳେ ଚାପି ହୋଇ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ମୃତକଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରିନାହିଁ । ଘଟଣା ସ୍ଥଳରେ ଅଳକୁଣ୍ଡ ପୋଲିସ ପହଞ୍ଚି ତଦନ୍ତ କରୁଛି । ସମସ୍ତ ଶ୍ରମିକ ରାଜ୍ୟ ବାହାରର ଥିବା ଜଣାପଡ଼ିଛି ।

ସେହିପରି ଧର୍ମଶାଳା ଥାନା ଅନ୍ତର୍ଗତ ଡଙ୍କାରୀକଳାପଥର ଖାଦାନରେ ପଥର ଅତଡ଼ା ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Boudh/Desk***

## ବିଶ୍ୱ ଡେଙ୍ଗୁ ଦିବସ

ଡେଙ୍ଗୁ ଜ୍ୱର ବାବଦରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ ଡେଙ୍ଗୁ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ଡେଙ୍ଗୁ ଦିବସର ବାର୍ତ୍ତା ରହିଛି– ଲକ୍ଷଣ ଏବଂ ଚିକିତ୍ସା। ଆଣ୍ଠୁଗଣ୍ଠି ଅଧିକ ପରିମାଣରେ ଦରଜା ହେବା, ପାଟି କିମ୍ବା ନାକରୁ ରକ୍ତ ବାହାରିବା, ଜ୍ୱର ସହ ମୁଣ୍ଡବିଧା ଏବଂ ବାନ୍ତି ହେବା, ଭୋକ ନ ହେବା ଏବଂ ରକ୍ତ ପ୍ଲେଟଲେଟ୍ କମିଯିବା ହେଉଛି ଡେଙ୍ଗୁ ଜ୍ୱରର ଲକ୍ଷଣ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଜଣେ ଲୋକଙ୍କୁ ଡେଙ୍ଗୁ ଦ୍ୱିତୀୟଥର ହେଲେ ଅଧିକ ବିପଜ୍ଜନକ

ହୋଇଥାଏ । ରାଜ୍ୟରେ ଡେଙ୍ଗୁର ଏ ପର୍ଯ୍ୟନ୍ତ କୌଣସି ନିଶ୍ଚିତ ଚିକିତ୍ସା ନାହିଁ କି ଔଷଧ ନାହିଁ। ଦୁଇଟି ପର୍ଯ୍ୟାୟରେ ଏହା ଚିକିତ୍ସା କରାଯାଇଥାଏ। ପ୍ରଥମଟି ଯଥେଷ୍ଟ ପରିମାଣରେ ପାଣି ପିଇବା ଆବଶ୍ୟକ। ଏହା ସହିତ ସାଲାଇନ୍ ଏବଂ ଓଆରଏସ୍ ପାଣି ଦିଆଯିବ ଉଚିତ। ଦ୍ୱିତୀୟଟି ହେଲା– ଡାକ୍ତରଙ୍କର ପରାମର୍ଶ ଅନୁସାରେ ଦରକାର ପଡ଼ିଲେ ରୋଗୀଙ୍କୁ ବ୍ଲଡ୍ ପ୍ଲେଟଲେଟ୍ ଏବଂ ଅନ୍ୟ ଔଷଧ ଦେବାକୁ ପଡ଼ିଥାଏ। ରାଜ୍ୟରେ ପ୍ରାୟତଃ ଜୁନ୍ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ଡେଙ୍ଗୁର ସ୍ଥିତି ସାମାନ୍ୟ ଅଧିକା ଦେଖାଯାଏ। ଗତବର୍ଷ ରାଜ୍ୟରେ ୧ ଲକ୍ଷ ୬୩ ହଜାର ୮୭୪ ଜଣ ରୋଗୀଙ୍କର ରକ୍ତନମୂନା ପରୀକ୍ଷଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨ ହଜାର ୮୪୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ଏପ୍ରିଲ ମାସ ସୁଦ୍ଧା ୧୭୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଶିଶୁ, ଗର୍ଭବତୀ ଏବଂ ବୟସ୍କ ଲୋକମାନଙ୍କ କ୍ଷେତ୍ରରେ ଡେଙ୍ଗୁର ଲକ୍ଷଣ ଦେଖାଗଲେ ତୁରନ୍ତ ରକ୍ତପରୀକ୍ଷା କରାଇ ନେବା ସହିତ ଆଶାକର୍ମୀ ଏବଂ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କୁହାଯାଇଛି।

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟସେବା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର ଯୋଗଦେଇ ଜନସାଧାରଣଙ୍କୁ ଏଡିସ୍ ମଶା ସମ୍ପର୍କରେ ସଚେତନ କରାଇଥିଲେ।

*HS*

## ପାଣିପାଗ

ରାଜ୍ୟରେ ଆଗାମୀ ୩ରୁ ୫ ଦିନ ମଧ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଇବ ବୋଲି  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । କେତେକ ଜିଲ୍ଲାରେ ସର୍ବାଧିକ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସମ୍ବଲପୁର, ନୂଆପଡ଼ା ଏବଂ ସୁନ୍ଦରଗଡ଼କୁ ଛାଡ଼ିଦେଲେ ରାଜ୍ୟର ସମସ୍ତ ସହରର ତାପମାତ୍ରା ଆଜି ୪୦ ଡିଗ୍ରୀରୁ କମ୍ ଥିଲା । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାୟଗଡ଼ା, କନ୍ଧମାଳ, ଗଜପତି, ବୌଦ୍ଧ, ସୋନପୁର, ନବରଙ୍ଗପୁର, କୋରାପୁଟ, ଗଞ୍ଜାମ ସହିତ ରାଜ୍ୟର ଅନ୍ୟ କେତେକ ଅଞ୍ଚଳରେ କାଳବୈଶାଖୀର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।